# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**02nd October - 2023**

**News Editor : *Tapan Kumar Moharana***

***********************************

***Desk***

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀ ଓ ଭୂତପୂର୍ବ ପ୍ରଧାନମନ୍ତ୍ରୀ ତଥା ମହାନ ଜନନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ପୂଣ୍ୟ ଜନ୍ମତିଥି ଆଜି ସାରା ଦେଶରେ ପାଳନ କରାଯାଉଛି। ଗାଁରୁ ସହର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଗୁଜରାଟର ପୋରବନ୍ଦରଠାରେ ୧୮୬୯ ମସିହା ଅକ୍ଟୋବର ଆଜିର ଦିନରେ ମୋହନ ଦାସ କରମଚାନ୍ଦ ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ । ବିଦେଶରୁ ଓକିଲାତି ପାସ୍ କରିବା ପରେ ସେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ସତ୍ୟ ଓ ଅହିଂସା ପଥରେ ସଫଳତା ପାଇଥିଲେ । ନିଶା ନିବାରଣ, ସ୍ୱଚ୍ଛତା, ଗ୍ରାମ୍ୟ ସ୍ୱରୋଜଗାରକୁ ସେ ସର୍ବଦା ପ୍ରାଥମିକତା ଦେଉଥିଲେ।

୧୯୬୩ ମସିହା ଅକ୍ଟୋବର ମାସ ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇରେ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କର ଜନ୍ମ । ଜଣେ ସଫଳ, ଦୂରଦର୍ଶୀ ଓ ସଚ୍ଚୋଟ ରାଜନେତା ଭାବେ ଭାରତୀୟ ରାଜନୀତିକ

ପରିମଣ୍ଡଳରେ ସେ ଯେଉଁ ଛାପ ଛାଡିଛନ୍ତି, ତାହା ଅତୁଳନୀୟ । ୧୯୬୪ରୁ ୧୯୬୬ ମସିହା ପର୍ଯ୍ୟନ୍ତ ସ୍ୱଳ୍ପ କାଳର ପ୍ରଧାନମନ୍ତ୍ରିତ୍ୱ ସମୟରେ ତାଙ୍କ କାର୍ଯ୍ୟ ବେଶ ପ୍ରଶଂସନୀୟ ଥିଲା ।

ମହାତ୍ମାଗାନ୍ଧିଙ୍କ ବିଚାର ସାରା ବିଶ୍ୱକୁ ଅନୁପ୍ରାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ରେ ମୋଦି କହିଛନ୍ତି । ଲୋକଙ୍କ ସହ ମିଶିବା ଓ ସେମାନଙ୍କ ଆପେଣଇ ନେବା ବାପୁଙ୍କ ବିଶେଷତ୍ୱ ଥିଲା । ସେହିପରି ଆମ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଲାଲ୍‌ବାହାଦୁର ଶାସ୍ତ୍ରୀ ତାଙ୍କ ଦୃଢ଼ ନେତୃତ୍ୱ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗାନ୍ଧିଜୟନ୍ତୀ ଅବସରରେ ଆଜି ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଭାତଫେରୀ କାର୍ଯ୍ୟକ୍ରମ କରାଯାଇଛି । ସକାଳ ସାଢ଼େ ୯ଟା ସମୟରେ ବିଧାନସଭା ପରିସରସ୍ଥିତ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

## ସ୍ୱଚ୍ଛତା ହିଁ ସେବା

ସେପ୍ଟେମ୍ବର ୧୫ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ଆଜି ଶେଷ ହେଉଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି - ଆବର୍ଜନାମୁକ୍ତ ଭାରତ । ଗ୍ରାମୀଣ ଓ ସହରୀ କ୍ଷେତ୍ରରେ ଏବଂ ସାର୍ବଜନୀନ ସ୍ଥାନରେ ଶ୍ରମଦାନ

କରି ସଫେଇ କାର୍ଯ୍ୟ କରାଯାଉଛି । ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସାର୍ବଜନନୀ ସ୍ଥାନରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Desk***

## ବନ୍ୟପ୍ରାଣୀ ସପ୍ତାହ

ଶାନ୍ତି ଓ ଅହିଂସାର ଉପାସକ ମହାତ୍ମାଗାନ୍ଧିଙ୍କର ପୁଣ୍ୟ ଜନ୍ମତିଥି ଅବସରରେ ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ସାରା ଦେଶରେ ପ୍ରତିବର୍ଷ ପାଳିତ ହୋଇଆସୁଛି । ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ପଦକ୍ଷେପରେ ସ୍ଥାନୀୟ ଅଧିବାସୀ ଓ ସ୍ୱେଚ୍ଛାସେବୀ ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି ।

ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ, ଅଭିବୃଦ୍ଧି ତଥା ସେମାନଙ୍କ ବାସସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବାପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି ।

*Desk*

# ବି.ଜେ.ଡି. - ଜନସମ୍ପର୍କ ପଦଯାତ୍ରା

ବି.ଜେ.ଡି. ପକ୍ଷରୁ ପ୍ରତିବର୍ଷ ଭଳି ଗାନ୍ଧିଜୟନ୍ତୀ ଅବସରରେ ଆଜିଠାରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଉଛି । ଏହି ପଦଯାତ୍ରା ଅକ୍ଟୋବର ୧୧ ତାରିଖରେ ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ । ପଦଯାତ୍ରା ସମୟରେ ବିଭିନ୍ନ ଜନକଲ୍ୟାଣ ଓ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଚଳିତ ବର୍ଷ ଏହି ଜନସମ୍ପର୍କ ପଦଯାତ୍ରା ପ୍ରତ୍ୟେକ ନିର୍ବାଚନ ମଣ୍ଡଳି ସ୍ତରରେ ପାଳନ କରାଯିବ ।

*Met. O.*

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗିରହିଛି। ଆସନ୍ତା ବୁଧବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛି। ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅନ୍ୟ ୫ଟି ଜିଲ୍ଲାରେ

ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ଏସୀୟ କ୍ରୀଡ଼ା

ଚୀନ୍‌ର ହାଙ୍ଗଝୌରେ ଚାଲିଥିବା ଏସିଆନ୍ ଗେମ୍ସର ଅଷ୍ଟମ ଦିନରେ ଭାରତ ଗତକାଲି ୩ଟି ସ୍ୱର୍ଣ୍ଣ ସହ ୧୫ଟି ପଦକ ହାସଲ କରିଛି । ଏପର୍ଯ୍ୟନ୍ତ ୧୩ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଏବଂ ୧୯ଟି ବ୍ରୋଞ୍ଜ ପଦକ ଜିତି ମୋଟ ୫୩ଟି ପଦକ ଜିତିଛି। ଗତକାଲି ପୁରୁଷ ଓ ମହିଳା ୧୫ ଶହ ମିଟର ଦୌଡରେ ଭାରତ ୩ଟି ରୌପ୍ୟ ପଦକ ହାସଲ କରିଛି। ପୁରୁଷ ବିଭାଗର ଭାରତର ଅଜୟ କୁମାର ସରୋଜ ରୌପ୍ୟ ଓ ଜିନ୍‌ସନ୍ ଜନ୍‌ସନ୍ ବ୍ରୋଞ୍ଜ ପଦକ ପାଇଥିଲାବେଳେ ମହିଳା ବିଭାଗରେ ହର୍‌ମୀଲନ୍ ବେନ୍ସ ରୌପ୍ୟ ପଦକ ଜିତିଛନ୍ତି । ପୁରୁଷ ୩ ହଜାର ମିଟର ଷ୍ଟିପଲଚେଜ୍‌ରେ ଭାରତର ଅବିନାଶ ସାଓ୍ୱଲେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ଆଥଲେଟିକ୍ସ ଇଭେଣ୍ଟରେ ଭାରତ ତୃତୀୟ ସ୍ୱର୍ଣ୍ଣପଦକ ହାସଲ କରିଛି। ପୁରୁଷ ସୁଟିଂର ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। କିନାନ୍ ଡାରିୟସ୍ ଚେନାଇ, ଜୋରାବର ସିଂ ସନ୍ଧୁ ଏବଂ ପୃଥ୍ୱୀରାଜ ତୋନ୍ଦେମାନ ଏହି ସଫଳତା ହାସଲ କରିଛନ୍ତି। ଏଥିସହିତ ମହିଳା ସୁଟିଂର ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଛି। ମନୀଷା କିର୍, ପ୍ରୀତି ରଜାକ୍ ଏବଂ ରାଜେଶ୍ୱରୀ କୁମାରୀ ଭାରତ ପାଇଁ ଏହି ସଫଳତା ଆଣିଛନ୍ତି।

ପୁରୁଷ ଲମ୍ବ ଡିଆଁରେ ଏମ୍. ଶ୍ରୀଶଙ୍କର ରୌପ୍ୟ ପଦକ ପାଇଛନ୍ତି । ଦୀର୍ଘ ୩୭ ବର୍ଷ ପରେ ପୁରୁଷ ବ୍ୟାଡ୍‌ମିଣ୍ଟନ୍‌ରେ ଭାରତ ରୌପ୍ୟ ପଦକ ହାସଲ କରିଛି ।

ମହିଳା ଗଲ୍ଫରେ ମଧ୍ୟ ଭାରତ ଏକ ରୌପ୍ୟ ପଦକ ବିଜୟୀ ହୋଇଛି। ଅଦୀତି ଅଶୋକ ଏହି ପଦକ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ମହିଳା ଭାରତୀୟ ଗଲ୍ଫ ଖେଳାଳି ଭାବେ ଅଦୀତି ଏସୀୟ କ୍ରୀଡାରେ ପଦକ ହାସଲ କରିଛନ୍ତି।

*****